# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 12 January - 2025

### News Editor : *Tapan Kumar Moharana*

*********************************

## ମୁଖ୍ୟ ସମ୍ବାଦ

- ଭାରତର ଯୁବଶକ୍ତିଙ୍କ ମଧ୍ୟରେ ଅସମ୍ଭବକୁ ସମ୍ଭବ କରିବାର କ୍ଷମତା ରହିଛି; କହିଲେ, ପ୍ରଧାନମନ୍ତ୍ରୀ

— ଦେଶବ୍ୟାପୀ ପାଳିତ ହେଉଛି ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଏବଂ ଜାତୀୟ ଯୁବଦିବସ

- ରାଜ୍ୟର ୪ଟି ସ୍ଥାନରୁ ମହାକୁମ୍ଭ ମେଳା ପାଇଁ ଅତ୍ୟାଧୁନିକ ବସ୍ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

— ପ୍ରଥମ ଦିନରେ ଯାତ୍ରା ଆରମ୍ଭ କଲେ ୨୦୦ ଶ୍ରଦ୍ଧାଳୁ

- ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାରେ ଆଜି ରାଜଅତିଥି ଭାବେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ଏବଂ

- ରାଞ୍ଚିରେ ଆଜିଠାରୁ ଆରମ୍ଭ ହେଉଛି ପ୍ରଥମ ମହିଳା ହକି ଇଣ୍ଡିଆ ଲିଗ୍

— ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ କଳିଙ୍ଗ ଲାନ୍ସର୍ସ ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ମ୍ୟାଚ ଜାରି

## ଜାତୀୟ ଯୁବ ଦିବସ

ଭାରତର ଯୁବଶକ୍ତିର ସାମର୍ଥ୍ୟ ଦେଶକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବ। ଦେଶର ଯୁବଶକ୍ତିଙ୍କ ମଧ୍ୟରେ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିବାର କ୍ଷମତା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଜି ଜାତୀୟ ଯୁବଦିବସ ଅବସରରେ 'ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନା-୨୦୨୫'ରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ଯୁବପିଢ଼ିଙ୍କ ଭାବନା ଆକାଶଠାରୁ ମଧ୍ୟ ଉଚ୍ଚ। ବଡ଼ ସ୍ୱପ୍ନ ଦେଖିବା ବଡ଼ ସଂକଳ୍ପ ଗ୍ରହଣ କରିବା ଏବଂ ତାକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ଅସମ୍ଭବ ନୁହେଁ।

ଶ୍ରୀ ମୋଦୀ କହିଛନ୍ତି, ଲକ୍ଷ୍ୟ ମଣିଷକୁ ଜୀବନ ବଞ୍ଚିବାର କଳା ଶିଖାଇଥାଏ। ସମସ୍ତେ ମିଳିତଭାବେ ଗୋଟିଏ ଦିଗରେ ପ୍ରୟାସ କଲେ ବଡ଼ରୁ ବଡ଼ ଲକ୍ଷ୍ୟ ହାସଲ କରାଯାଇପାରେ। ଭାରତ ଆଜି ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ବିଭିନ୍ନ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରି ଅନ୍ୟ ଦେଶ ପାଇଁ ଉଦାହରଣ ସାଜିଛି। ଭାରତ ଆଜି ବିଶ୍ୱକୁ ସଂକଳ୍ପରୁ ସିଦ୍ଧିର ମନ୍ତ୍ର ଶିଖାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## - V/O –

## ଜାତୀୟ ଯୁବ ଦିବସ-୨

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆଜି ଦେଶରେ ଜାତୀୟ ଯୁବ ଦିବସ ପାଳନ କରାଯାଉଛି। ତାଙ୍କ ଚିନ୍ତାଧାରା, ମୂଲ୍ୟବୋଧ ଏବଂ

ଆଦର୍ଶକୁ ଯୁବପିଢ଼ିଙ୍କ ମଧ୍ୟରେ ପ୍ରସାର କରିବା ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ। ଚଳିତବର୍ଷ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଯୁବପିଢ଼ି; ସ୍ଥିରତା ଏବଂ ଦାୟିତ୍ୱ ସହ ରାଷ୍ଟ୍ର ଗଠନର ବାର୍ତ୍ତା ନେଇ ଏହି ଦିବସ ପାଳନ କରାଯାଉଛି। କେନ୍ଦ୍ର ସରକାର ୧୯୮୪ ମସିହାରେ ଆଜିର ଦିନକୁ ଜାତୀୟ ଯୁବ ଦିବସ ଭାବେ ପାଳନ କରିବା ଲାଗି ସ୍ୱୀକୃତି ଦେଇଥିଲେ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଭୁବନେଶ୍ୱର ରାମକୃଷ୍ଣ ମିଶନଠାରେ ଆଜି ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାମୀ ବିବେକାନନ୍ଦ ଭାରତର ଯୁବସମାଜକୁ ନିଜର ଅସ୍ମିତା ଉପରେ ଗୌରବ ଅନୁଭବ କରିବାକୁ  ଶିକ୍ଷା ଦେଇଥିଲେ। ଜାତୀୟ ଯୁବଦିବସ ଅବସରରେ ମୁଖ୍ୟମନ୍ତ୍ରୀ  ଦେଶର ଯୁବବର୍ଗଙ୍କୁ ଶୁଭକାମନା ଜଣାଇଛନ୍ତି।

**କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ** ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ  ସ୍ୱାମୀ ବିବେକାନନ୍ଦ ଭାରତୀୟ ସଂସ୍କୃତିର ଅଦ୍ୱିତୀୟ ପ୍ରବକ୍ତା ତଥା ଯୁବଶକ୍ତିର ପ୍ରେରଣାର ସ୍ରୋତ ବୋଲି କହିଛନ୍ତି।

ବିବେକାନନ୍ଦଙ୍କ କାଳଜୟୀ ଶିକ୍ଷା  ଯୁବକଙ୍କୁ ସ୍ୱପ୍ନ ଦେଖିବା ଏବଂ  ଏକ ସୁସଂଗତ ତଥା ପ୍ରଗତିଶୀଳ ଭବିଷ୍ୟତ ଦିଗରେ ପ୍ରେରଣା ଯୋଗାଇ ଥାଏ ବୋଲି **ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ** ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଦେଇଛନ୍ତି।

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପୁରୀ ଠାରେ ପାଳିତ ହୋଇଯାଇଅଛି । ସ୍ଥାନୀୟ ସମୁଦ୍ରକୂଳ ଦିଗବାରିଣିଠାରେ ଥିବା ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ଏହି ଅବସରରେ ମାଲ୍ୟାର୍ପଣ କରାଯାଇଥିଲା ।

**ଗଜପତି** ଜିଲ୍ଲା ଉତ୍କଳ ବାଳାଶ୍ରମ ପରିସରରେ ଆୟୋଜିତ ଜାତୀୟ ଯୁବ ଦିବସରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ମହାକୁମ୍ଭ-୨୦୨୫

ଉତ୍ତରପ୍ରଦେଶର ପ୍ରୟାଗରାଜ୍‌ରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ମହାକୁମ୍ଭ-୨୦୨୫ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଳୁଙ୍କ ପାଇଁ ରାଜ୍ୟର ୪ଟି ସ୍ଥାନରୁ ଅତ୍ୟାଧୁନିକ ବସ୍ ସେବାର ଶୁଭାରମ୍ଭ କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଭାସୀ ମାଧମରେ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି-

**- V/O -**

ଓଡ଼ିଶା ରାଜ୍ୟ ପରିବହନ ନିଗମର ୪ଟି ଅତ୍ୟାଧୁନିକ ପ୍ରିମିୟମ୍ ବସ୍ ପୁରୀ, ସମ୍ବଲପୁର, ଭବାନୀପାଟଣା ଏବଂ ବ୍ରହ୍ମପୁରରୁ ବାହାରି ବାରଣାସୀ ଓ ପ୍ରୟାଗରାଜ ସହିତ ଅଯୋଧ୍ୟା ପର୍ଯ୍ୟନ୍ତ ଚଳାଚଳ କରିବ ।

ଆଜି ପ୍ରଥମ ଦିନରେ ରାଜ୍ୟରୁ ୨୦୦ ଶ୍ରଦ୍ଧାଳୁ ମହାକୁମ୍ଭ ପାଇଁ ଯାତ୍ରା ଆରମ୍ଭ କରିଛନ୍ତି । ମହିଳା ଯାତ୍ରୀଙ୍କ ପାଇଁ ଟିକେଟ ମୂଲ୍ୟରେ ୫୦ ପ୍ରତିଶତ

ରିହାତି ବ୍ୟବସ୍ଥା କରାଯାଇଛି। ବସ୍‌ଗୁଡ଼ିକରେ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଲାଇଭ୍ ଭେହିକିଲ୍ ଟ୍ରାକିଂ ସିଷ୍ଟମ୍ ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଏହାସହ ୨୪ ଘଣ୍ଟିଆ ହେଲ୍ପଡେସ୍କ ଖୋଲାଯାଇଛି।

ପ୍ରୟାଗରାଜରେ ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଓ.ଏସ୍.ଆର.ଟି.ସି. କର୍ମଚାରୀମାନଙ୍କୁ ଅବସ୍ଥାପିତ କରାଯାଇଛି। **ବ୍ରହ୍ମପୁର**ରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବସ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। ସେହିଭଳି **କଳାହାଣ୍ଡି** ଜିଲ୍ଲାର ଭବାନୀପାଟଣା ନୂଆ ବସ୍‌ଷ୍ଟାଣ୍ଡଠାରୁ ସ୍ୱତନ୍ତ୍ର ବସ୍ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଛି। ସାଂସଦ ମାଳବିକା ଦେବୀ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। **ସମ୍ବଲପୁର** ଅଇଁଠାପାଲି ବସ୍ ଟର୍ମିନାଲ୍‌ରୁ ମହାକୁମ୍ଭ ମେଳା ସ୍ୱତନ୍ତ୍ର ବସ୍ ଚଳାଚଳ କରିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। **ପୁରୀ** ମାଳତୀପାଟପୁର ବସ୍‌ଷ୍ଟାଣ୍ଡ୍‌ରୁ ୧୩ ଜଣ ଯାତ୍ରୀ ପ୍ରୟାଗରାଜ ଅଭିମୁଖେ ଯାତ୍ରା କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ବନ୍ଦ ରହିବ । ଏନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଥିବାରୁ ଅଭିଯୋଗ ଶୁଣାଣିକୁ ବନ୍ଦ ରଖାଯାଇଛି ।

## ଧନୁଯାତ୍ରା-ମୁଖ୍ୟମନ୍ତ୍ରୀ

**ବରଗଡ଼** ଜିଲ୍ଲାର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ଦଶମ ଦିନରେ  ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  ରାଜ ଅତିଥି ଭାବେ ଯୋଗଦେବେ। ଏ ନେଇ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆଜି ସନ୍ଧ୍ୟାରେ ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚିବା ପରେ ସଡକ ପଥରେ ବରଗଡ଼ ଯାତ୍ରା କରିଛନ୍ତି।

## ପଦ୍ମସମ୍ଭବ ମହାସମାବେଶ

**ଯାଜପୁର**ର ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିଠାରେ ଆଜିଠାରୁ ଗୁରୁ ପଦ୍ମସମ୍ଭବ ମହାସମାବେଶ ଆରମ୍ଭ ହୋଇଛି। ୫ ଦିନ ଧରି ଚାଲିବାକୁ ଥିବା ଏହି ସମାବେଶରେ ନେପାଳ, ଭିଏତନାମ, ଜାପାନ, କମ୍ବୋଡିଆ, ଥାଇଲାଣ୍ଡ, ମିଆଁମାର ଆଦି ୧୬ଟି ଦେଶରୁ ୧୫ଶହରୁ ଊର୍ଦ୍ଧ୍ୱ ବୌଦ୍ଧ ସନ୍ନ୍ୟାସୀ ଓ ଅନୁଗାମୀମାନେ ଯୋଗ ଦେଇଛନ୍ତି। ସମାବେଶରେ ବୌଦ୍ଧ ଧର୍ମ ସମ୍ପର୍କରେ ଚର୍ଚ୍ଚା ଆଲୋଚନା ଓ ଧ୍ୟାନ କରାଯିବ। ଆଜିର କାର୍ଯ୍ୟକ୍ରମକୁ ସିକିମ ସରକାରଙ୍କ ମନ୍ତ୍ରୀ ଭେନ୍ ସୋନମ୍ ଲାମା ଉଦଘାଟନ କରିଥିଲେ।

## ରେଳଷ୍ଟେସନ ଗସ୍ତ

ରାୟଗଡ଼ା ରେଳ ଡିଭିଜନର ନୂଆ ଡି.ଆର.ଏମ୍. ଅମିତାଭ ସିଂହଲ ଆଜି **କୋରାପୁଟ** ଗସ୍ତରେ ଯାଇ କୋରାପୁଟ ରେଳଷ୍ଟେସନର ବିଭିନ୍ନ ଦିଗ ଅନୁଧ୍ୟାନ କରିଛନ୍ତି। ରେଳ ଚଳାଚଳର ଅଧିକ ସୁବିଧା କରାଯିବା ସହ ରେଳ ଲାଇନ୍ ଦୋହରୀକରଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

## ପ୍ଲାଷ୍ଟିକ୍‌ମୁକ୍ତ ଭାରତ

**ନୂଆପଡା** ଜିଲ୍ଲା ଖଡିଆଳ ତହସିଲ କାର୍ଯ୍ୟାଳୟରୁ ଏକକ ବ୍ୟବହାର ପ୍ଲାଷ୍ଟିକ୍‌ମୁକ୍ତ ଭାରତ ଗଠନ ନେଇ ସଚେତନତା ରାଲି ଆୟୋଜିତ ହୋଇଯାଇଛି । ଖଡିଆଳ ତହସିଲଦାର ନରସିଂହ ଗଦବା ମୁଖ୍ୟଅତିଥି ଭାବେ ଯୋଗଦେଇ ରାଲିର ଶୁଭାରମ୍ଭ କରିଥିଲେ । ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସହଜରେ ନଷ୍ଟ ନ ହୋଇ ମାଟିର ଉର୍ବରତା ହ୍ରାସ କରୁଥିବାରୁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ ଜରୁରୀ ବୋଲି ଅତିଥିଭାବେ ମତ ବ୍ୟକ୍ତ କରିଥିଲେ ।

# ହକି ଇଣ୍ଡିଆ ଲିଗ୍

ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ଜୟପାଲ ସିଂହ ଷ୍ଟାଡିୟମରେ ଆଜିଠାରୁ ପ୍ରଥମ ମହିଳା ହକି ଇଣ୍ଡିଆ ଲିଗ୍ ଆରମ୍ଭ ହେଉଛି । ପ୍ରତିଯୋଗିତାରେ ୪ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଆଜି ଉଦ୍‌ଘାଟନୀ ମ୍ୟାଚ୍‌ରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଓ ଓଡ଼ିଶା ୱାରିୟର୍ସ ମଧ୍ୟରେ ମୁକାବିଲା ହେବ ।

ସେହିପରି ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ପୁରୁଷବର୍ଗ ହକି ଇଣ୍ଡିଆ ଲିଗ୍‌ର ମ୍ୟାଚ୍‌ରେ ଆଜି କଳିଙ୍ଗ ଲାନ୍ସର୍ସ ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ମୁକାବିଲା ଜାରି ରହିଛି ।

## ଜାତୀୟ ବରିଷ୍ଠ କବାଡି ପ୍ରତିଯୋଗିତା

ରାଜ୍ୟରେ ପ୍ରଥମଥର ପାଇଁ ଜାତୀୟ ବରିଷ୍ଠ କବାଡି ପ୍ରତିଯୋଗିତା ଆୟୋଜନ କରାଯାଉଛି । ଆସନ୍ତା ଫେବୃୟାରୀ ମାସ ୨୦ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ୭୧ତମ ବରିଷ୍ଠ ଜାତୀୟ କବାଡି ପ୍ରତିଯୋଗିତା କଟକର ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ । ଏଥିରେ ୨୮ଟି ରାଜ୍ୟରୁ ୩୫ଟି ଦଳ ଭାଗ ନେବେ । ଏହାର ଉଦ୍‌ଘାଟନୀ ଉତ୍ସବରେ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଆଜି ରାଜ୍ୟ କବାଡ଼ି ସଂଘ ସମ୍ପାଦକ ଅଜୟ କୁମାର ବେହରା କହିଛନ୍ତି।

## ପାଣିପାଗ

ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୩ ଦିନ ପରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ । ଏହାର ପ୍ରଭାବରେ ଶୀତର ପ୍ରକୋପ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

ଅପରପକ୍ଷରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘନ କୁହୁଡି ହେବା ନେଇ ୮ଟି ଜିଲ୍ଲାକୁ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

*********************************